# ବ୍ୟବସ୍ଥା ନ ଥିବାରୁ ବାରଣ୍ଡାରେ

■ଶ୍ରେଣୀଗୃହ ଅଭାବରୁ ବାହାରେ ପଢୁଛନ୍ତି ଛାତ୍ରୀଛାତ୍ର
■ପୂରଣ ହେଉନି ଶିକ୍ଷକ ପଦବୀ, ବଢୁଛି ଅସନ୍ତୋଷ
■ସମସ୍ୟାରେ ପରଶୁମାଳ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ

ବଇଣ୍ଡା,୧୬।୧୧ (ପରିକ୍ଷିତ ସାହୁ)

ଛାତ୍ରୀଛାତ୍ରଙ୍କୁ ନେଇ ଭରପୂର ଅଛି ବିଦ୍ୟାଳୟ। ହେଲେ ଶିକ୍ଷାଦାନ ପାଇଁ ଏଠାରେ ନାହିଁ ଉପଯୁକ୍ତ ଭିତ୍ତିଭୂମି। ବିଶେଷକରି ଆବଶ୍ୟକ ଶ୍ରେଣୀଗୃହ ବ୍ୟବସ୍ଥା ନ ଥିବାରୁ ଅନେକ ସମୟରେ ବାରଣ୍ଡାରେ ହେଉଛି ପାଠପଢ଼ା। ସେହିପରି ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳର ଅଭାବ ଥିବାବେଳେ ପୂରଣ ହେଉନି ଖାଲି ପଡ଼ିଥିବା ଶିକ୍ଷକ ପଦବୀ। ଦୀର୍ଘବର୍ଷ ହେଲା ଶିକ୍ଷା ବିଭାଗ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଏ ନେଇ ଅବଗତ କରାଯାଉଥିଲେ ମଧ୍ୟ ନିଆଯାଉନି କୌଣସି ପଦକ୍ଷେପ। ଆଉ ବର୍ଷ କେଇଟା ପରେ ଶହେ ବର୍ଷରେ ପହଞ୍ଚିବାକୁ ଯାଉଥିବା ଅନୁଗୋଳ ଜିଲା କିଶୋରନଗର ବ୍ଲକ ପରଶୁମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଏପରି ସମସ୍ୟାକୁ ନେଇ ସୃଷ୍ଟି ହୋଇଛି ଜନ ଅସନ୍ତୋଷ।

ଗ୍ରାମବାସୀଙ୍କ କହିବା ଅନୁଯାୟୀ, ୧୯୩୫ ମସିହାରେ ଗ୍ରାମବାସୀଙ୍କ ଉଦ୍ୟମରେ ଏହି ବିଦ୍ୟାଳୟ ସ୍ଥାପନ ହୋଇଥିଲା। ବର୍ତ୍ତମାନ ଏହା ୮୮ ବର୍ଷରେ ପହଞ୍ଚିଛି। ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ଶିକ୍ଷାନୁଷ୍ଠାନରେ ୨୦୦ ଛାତ୍ରୀଛାତ୍ର ପଢୁଛନ୍ତି। ୮ଟି ଶ୍ରେଣୀ ପାଇଁ ୮ଟି ଶ୍ରେଣୀଗୃହ ଆବଶ୍ୟକ ଥିବାବେଳେ ଏଠାରେ ରହିଛି ମାତ୍ର ୫ଟି ଶ୍ରେଣୀ ଗୃହ। ସେଥିରୁ ଗୋଟିଏ ଅଫିସ କାର୍ଯ୍ୟାଳୟ କରାଯାଇଥିବା ବେଳେ ଗୋଟିଏ ବିପଦ ସଂକୁଳ ଅବସ୍ଥାରେ ରହିଛି। ତେଣୁ ଏତେ ସଂଖ୍ୟକ ପିଲାଙ୍କୁ ବସାଇବା ଶିକ୍ଷାଦାନରେ ଅସୁବିଧା ସୃଷ୍ଟି ହେଉଥିବାରୁ ଅଫିସ ରୁମରେ ୨ଟି କ୍ଲାସ ହେଉଥିବା ବେଳେ ଅନ୍ୟ କୋଠରିରେ ମଧ୍ୟ ୨ଟି ଲେଖାଏ କ୍ଲାସ କରାଯାଉଛି। ଏପରିକି ବିଦ୍ୟାଳୟ ବାରଣ୍ଡାରେ ମଧ୍ୟ ପାଠପଢ଼ା ଯାଉଛି। ତେବେ ବର୍ଷା ଦିନେ ଏହି ଛାତ୍ରୀଛାତ୍ରମାନେ ଅଧିକ ଅସୁବିଧାରେ ପଡୁଛନ୍ତି। ସେହିପରି ବିଦ୍ୟାଳୟରେ ୮ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ୫ ଜଣ ନିଯୁକ୍ତ ହୋଇଛନ୍ତି। ୩ ଶିକ୍ଷକ ପଦବୀ ଖାଲି ପଡିଛି। ଛାତ୍ରୀଛାତ୍ରଙ୍କ ସଂଖ୍ୟା ଦୃଷ୍ଟିରୁ ୬ଟି ଶୌଚାଳୟ ନିର୍ମାଣ ହେବା କଥା। କିନ୍ତୁ ଏଠାରେ ମାତ୍ର ୨ଟି ଶୌଚାଳୟ ରହିଛି, ତାହା ପୁଣି ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବାରୁ ଛାତ୍ରୀଛାତ୍ରମାନେ ତାହାକୁ ବ୍ୟବହାର କରି ନ ପାରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୪ଟି ନୂତନ ଶୌଚାଳୟ ନିର୍ମାଣ କରିବା ପାଇଁ ଶିକ୍ଷା କମିଟି ପକ୍ଷରୁ ବହୁବାର ବ୍ଲକ ପ୍ରଶାସନ ଠାରୁ ଆରମ୍ଭ କରି ଜିଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କରାଗଲେ ମଧ୍ୟ କେହି ଶୁଣୁ ନ ଥିବା ଶିକ୍ଷା କମିଟି ପକ୍ଷରୁ ଅଭିଯୋଗ କରାଯାଇଛି। ବିଶୁଦ୍ଧ ପାଇପ୍ ପାଣିର ବ୍ୟବସ୍ଥା ନ ଥିବା ବେଳେ ନଳକୂଅ ପାଣି ଉପରେ ପିଲାଙ୍କୁ ନିର୍ଭର କରିବାକୁ ପଡୁଛି। ଖେଳପଡିଆ ନ ଥିବାରୁ ଛାତ୍ରୀଛାତ୍ରମାନେ ଖେଳକୁଦ କରିପାରୁ ନାହାନ୍ତି। ବିଦ୍ୟାଳୟର ସମସ୍ୟାକୁ ନେଇ ଗ୍ରାମବାସୀ ୧୫ ଜୁନ ୨୦୧୮ ଓ ୩ ଫେବୃୟାରୀ ୨୦୨୨, ୧୫ ଫେବୃୟାରୀ ୨୦୨୩ରେ ଅଭିଯୋଗ ପତ୍ର ମାଧ୍ୟମରେ ଶିକ୍ଷାବିଭାଗ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହେଲେ ଏଯାଏ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏ ନେଇ କିଶୋରନଗର ବ୍ଲକ ଶିକ୍ଷା ଅଧିକାରୀ ଅରୁଣ କୁମାର ସେଠୀ କହିଛନ୍ତି, ଯେଉଁ ବିଦ୍ୟାଳୟରେ ସମସ୍ୟା ରହିଛି ସେଗୁଡିକ ଉପରେ ବିଭାଗ ପକ୍ଷରୁ ତର୍ଜମା କରାଯାଉଛି। ଶ୍ରେଣୀଗୃହ ମରାମତି ଓ ନୂତନ ଶ୍ରେଣୀ ଗୃହ ନିର୍ମାଣ ପାଇଁ ପ୍ରଧାନ ଶିକ୍ଷକଙ୍କ ଅଭିଯୋଗ ସରକାରଙ୍କୁ ଜଣାଇ ଦିଆଯିବ। ଖାଲି ପଡିଥିବା ଶିକ୍ଷକ ପଦପୀ ପୂରଣ କରିବା ପାଇଁ ଦୃଷ୍ଟି ଦିଆଯିବ।



ପରଶୁମାଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ବାରଣ୍ଡାରେ ପିଲାମାନଙ୍କୁ ଶିକ୍ଷାଦାନ କରାଯାଉଛି।

# ଚାଷୀ କଲ୍ୟାଣ ବୋର୍ଡ ଗଠନ ଦାବି

ଆଠମଲ୍ଲିକ,୧୬।୧୧ (ଉଦୀପ୍ତ ପୁରୋହିତ)

ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଚାଷୀମାନଙ୍କ ୧୦ ଦଫା ଦାବି ପୂରଣ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଉପଜିଲାପାଳ ଡ. ଜିତେନ୍ଦ୍ର କୁମାର ପାତ୍ରଙ୍କୁ ଦାବିପତ୍ର ଦିଆଯାଇଛି। ମହାସଂଘ ମୁଖ୍ୟ ସଂଯୋଜକ ତଥା ଆଇନଜୀବୀ ଅଞ୍ଜନ କୁମାର ପ୍ରଧାନ ଓ କୃଷକ ମହାସଂଘ ଆଠମଲ୍ଲିକ ଶାଖା ସଭାପତି ଦେବେନ୍ଦ୍ର କୁମାର ପ୍ରଧାନଙ୍କ ନେତୃତ୍ୱରେ ଚଉରାଶୀ ଅଞ୍ଚଳର ବହୁ ଚାଷୀ ସହର ପରିକ୍ରମା କରି ଉପଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚିଥିଲେ। ସେଠାରେ ଅନୁଷ୍ଠିତ ସଭାରେ କୃଷକ ମହାସଂଘ କର୍ମକର୍ତ୍ତାଙ୍କ ସହିତ ଚାଷୀନେତାମାନେ ଚାଷୀମାନଙ୍କ ବିଭିନ୍ନ ଅଭାବ ଅସୁବିଧା ଉପରେ ଆଲୋକପାତ କରିବା ସହିତ ଦାବି ଉପସ୍ଥାପନ କରିଥିଲେ। ମନଜୋର ଜଳସେଚନ ପ୍ରକଳ୍ପର ଅସମ୍ପୂର୍ଣ୍ଣ କେନାଲକୁ ସମ୍ପୂର୍ଣ୍ଣ କରିବା, ମାଣତ୍ରୀ ଠାରୁ ହରିଡାକୋଠା ପର୍ଯ୍ୟନ୍ତ କେନାଲ କାର୍ଯ୍ୟ ତ୍ୱରାନ୍ୱିତ କରିବା, ଚାଷୀଙ୍କ ଆର୍ଥିକ ଅଭିବୃଦ୍ଧି ନିମନ୍ତେ ରାଜ୍ୟ, ଜିଲା, ବ୍ଲକସ୍ତରରେ ଚାଷୀ କଲ୍ୟାଣ ବୋର୍ଡ ଗଠନ, ମାଧପୁର ଠାରେ ଶୀତଳ ଭଣ୍ଡାର ନିର୍ମାଣ, କୁଡୁଲସିଙ୍ଗା କ୍ଷୁଦ୍ର ଜଳସେଚନ, ଧଉରାଗୋଠ ଓ ସୁରେଶ୍ୱରୀ ଜଳ ପ୍ରକଳ୍ପର କାର୍ଯ୍ୟାରମ୍ଭ କରିବା, ମେଗା ପାନୀୟ ଜଳ ପ୍ରକଳ୍ପ ଶୀଘ୍ର କାର୍ଯ୍ୟକାରୀ କରିବା, ଆଠମଲ୍ଲିକ ଓ ମାଧପୁର ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତର ନିଯୁକ୍ତି ଦେବା ଆଦି ପାଇଁ ଦାବି ରଖିଥିଲେ। ଶେଷରେ ଉପଜିଲାପାଳ ଦାବିପତ୍ର ଗ୍ରହଣ କରି ସରକାର କୃଷି ଓ କୃଷକମାନଙ୍କ ପାଇଁ ବହୁ ଯୋଜନା ପ୍ରଣୟନ କରିଛନ୍ତି ଓ କୃଷିବିଭାଗ ତରଫରୁ ନିକଟରେ ଅନୁଷ୍ଠିତ କୃଷକ ମେଳରେ ସମସ୍ତ ଚାଷୀ ଯୋଗ ଦେବାକୁ ଅନୁରୋଧ କରିଥିଲେ।


ଓଡ଼ିଶା କୃଷକ ମହାସଂଘ ଆଠମଲ୍ଲିକ ଶାଖା ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

# ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ଅନୁଗୋଳ,୧୬।୧୧ (ଅମିତ କୁମାର ସାମଲ)

ନିଖିଳ ଓଡ଼ିଶା ଇପିଏଫ ପେନସନର ଆସୋସିଏଶନ ଅନୁଗୋଳ ଶାଖା ତରଫରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁରୁବାର ଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ଇପିଏଫ୍ ପେନସନ ସର୍ବନିମ୍ନ ୯ ହଜାର ଟଙ୍କା କରିବା ସହିତ ଡିଏ ପ୍ରଦାନ ଦାବିରେ ଓଡ଼ିଶାର ୪ ଗୋଟି ଆଞ୍ଚଳିକ ଇପିଏଫ କାର୍ଯ୍ୟାଳୟ ଓ ସମସ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ପୂର୍ବାହ୍ନ ୧୦ଟା ୩୦ ରୁ ଅପରାହ୍ନ ୧ଟା ୩୦ ପର୍ଯ୍ୟନ୍ତ ଧାରଣା ଦିଆଯିବା ପରେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଅନୁଗୋଳ ଶାଖା ସଭାପତି ବାବାଜୀ ସାସମଲଙ୍କ ନେତୃତ୍ୱରେ ଏକ ୭ଜଣିଆ ପ୍ରତିନିଧି ମଣ୍ଡଳୀ ଅନୁଗୋଳ ଜିଲାପାଳଙ୍କୁ ଏହି ଦାବିପତ୍ର ପ୍ରଦାନ କରିଥିଲେ। କାର୍ଯ୍ୟକାରୀ ସଭାପତି ଦୁଃଖବନ୍ଧୁ ପଟ୍ଟନାୟକ, ସଦସ୍ୟ ନିରୋଦ ସାମଲ, ମହେଶ୍ୱର ସ୍ୱାଇଁ, ବରିଷ୍ଠ ଉପଦେଷ୍ଟା ସନାତନ ସାହୁ ଉପସ୍ଥିତ ଥିଲେ।


ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ସଂଘ କର୍ମକର୍ତ୍ତାମାନେ।

# ବିର୍ସା ମୁଣ୍ଡା ଜୟନ୍ତୀକୁ ଛୁଟି ଘୋଷଣା କରାଯାଉ



ପାଲଲହଡ଼ା,୧୬।୧୧ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡ଼ା ଉପଖଣ୍ଡରେ ବିର୍ସା ବିକାଶ ସମିତି ତରଫରୁ ୧୪୮ ତମ ବିର୍ସା ମୁଣ୍ଡା ଜୟନ୍ତୀ ପାଳିତ ହୋଇଯାଇଛି। ବିର୍ସା ବିକାଶ ସମିତି ସଭାପତି ଈଶ୍ୱର ଚନ୍ଦ୍ର ପିଙ୍ଗୁଆଙ୍କ ନେତୃତ୍ୱରେ ସହସ୍ରାଧିକ ଆଦିବାସୀ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ପାଲଲହଡ଼ା ସହର ପରିକ୍ରମା କରିବା ସହିତ ଉଦିତନଗର ଠାରେ ଥିବା ବିର୍ସା ମୁଣ୍ଡାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ବରିଷ୍ଠ ଭାଜପା ନେତା ଜଗମୋହନ ସାହୁ ଯୋଗଦାନ କରି ବିର୍ସା ମୁଣ୍ଡାଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ବକ୍ତା ଭାବରେ ରଘୁନନ୍ଦନ ଆଚାର୍ଯ୍ୟ, ସମ୍ମାନିତ ଅତିଥି ଭାବେ ଅଜିତ କୁମାର ପ୍ରଧାନ, ଜିଲା ଆଦିବାସୀ ମୋର୍ଚ୍ଚା ସଭାପତି ଅର୍ଜୁନ କିସ୍କୁ, ଗୁରୁଚରଣ ହେମ୍ବ୍ରମ, ମାନନ୍ଦା ଶୁଣ୍ଡୀ ଏବଂ ନିଜିଗଡ଼ ସମିତିସଭ୍ୟ ଗୌରୀ ହାଇବ୍ରୁରୁ ପ୍ରମୁଖ ଯୋଗଦାନ କରିଥିଲେ। ଏହି ଉପଲକ୍ଷେ ୧୫ ନଭେମ୍ବର ବିର୍ସାମୁଣ୍ଡା ଜୟନ୍ତୀକୁ ସରକାରୀ ଛୁଟି ଘୋଷଣା କରିବା ପାଇଁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପାଲଲହଡ଼ା ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲ।

# ନବକୃଷ୍ଣ ଚୌଧୁରୀ ସ୍ମାରକୀ କୁଇଜ୍

ଅନୁଗୋଳ,୧୬।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲା ବଅଁରପାଳ ନିକଟସ୍ଥ ବନ୍ଧା ଉ.ପ୍ରା. ବିଦ୍ୟାଳୟ ପରିସରରେ ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ କୁଇଜ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ନେତ୍ରମଞ୍ଜରୀ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସମ୍ମିଳନୀ ଅନୁଗୋଳ ଜିଲା ସମ୍ପାଦକ ଧନେଶ୍ୱର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଗାନ୍ଧିବାଦୀ ସଂଗ୍ରାମୀ ନବକୃଷ୍ଣ ଚୌଧୁରୀଙ୍କ ଜୀବନୀ ଏବଂ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହାପରେ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଓଡ଼ିଶାର ସାଧୀନତା ସଂଗ୍ରାମ ଏବଂ ନବକୃଷ୍ଣଙ୍କ ଜୀବନୀ ଆଧାରିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ଠିକ୍ ଉତ୍ତର ଦେଇଥିବା ୨୦ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ ଗୀତାଞ୍ଜଳି ବେହେରା କୁଇଜ ପରିଚାଳନା କରିଥିବାବେଳେ ବିଦ୍ୟୁଲତା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ସଂଘମିତ୍ରା ସାହୁ, ଅଞ୍ଜନା ସାହୁ, ହରପ୍ରିୟା ବେହେରା, ଦୁର୍ଜ୍ଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଭାଗ ନେଇଥିବା ଛାତ୍ରୀଛାତ୍ରମାନେ।

# କୃଷି ଯନ୍ତ୍ରପାତି ମେଳା ଉଦ୍ଯାପିତ


ଜଣେ ଚାଷୀଙ୍କୁ କୃଷି ଯନ୍ତ୍ରପାତି ଚାବି ପ୍ରଦାନ କରାଯାଉଛି।

ପାଲଲହଡା,୧୬।୧୧ (ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଷ୍ଟାଡିୟମଠାରେ ଚାଲିଥିବା ବ୍ଲକସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍ଯାପିତ ହୋଇଯାଇଛି। ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଅନୁଗୋଳ ଉପ ଉଦ୍ୟାନ ନିର୍ଦ୍ଦେଶକ ଅମ୍ବର ଲୁଗୁନ ଯୋଗଦାନ କରିଥିବାବେଳେ ସମ୍ମାନିତ ଅତିଥି ଭାବେ ପାଲଲହଡ଼ା ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ବ୍ରଜବନ୍ଧୁ ସାଇଁ, ଆଗ୍ରୋ ଇଣ୍ଡଷ୍ଟ୍ରି ଜିଲା ପରିଚାଳକ ନାରାୟଣ ସାହୁ, ସହକାରୀ କୃଷି ଯନ୍ତ୍ରୀ ସବିନୟ ବିଶାଳ, କଣିହାଁ ବ୍ଲକ କୃଷି ଅଧିକାରୀ ଅନୋଜ ରାଉତ ପ୍ରମୁଖ ଯୋଗଦାନ କରିଥିଲେ। ବ୍ୟାଙ୍କ ସହାୟତା କେନ୍ଦ୍ର ମାଧ୍ୟମରେ ସବ୍‌ସିଡି ଋଣର ସୁଯୋଗ ଓ କୃଷି ଏବଂ ଆନୁଷଙ୍ଗିକ ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ଯୋଜନାଗୁଡିକର ପ୍ରଚାର ପ୍ରସାର, ନିର୍ଦ୍ଧାରିତ ସରକାରୀ ରିହାତିରେ କୃଷି ଯନ୍ତ୍ରପାତି କ୍ରୟ ନିମନ୍ତେ ଅଗ୍ରିମ ବୁକିଂ ବ୍ୟବସ୍ଥା କରାଯାଇଥିଲା। ତାଳଚେର କୃଷି ଜିଲା ଅଧିକାରୀ ମଳୟ କୁମାର ପରିଡା ସଭାପତିତ୍ୱ କରିଥିବା ବେଳେ ପାଲଲହଡା କୃଷି ଅଧିକାରୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ମେଳାରେ ୩୦ରୁ ଊର୍ଦ୍ଧ୍ୱ ଉତ୍ପାଦକ ଗୋଷ୍ଠୀ ନିଜ ଉତ୍ପାଦନର ପ୍ରଚାର କରିବା ସହିତ ବିକ୍ରୟ ବ୍ୟବସ୍ଥା କରିଥିଲେ। ୪୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଟ୍ରାକ୍ଟର, ପାୱାର ଟିଲର, ରୋଟାଭେଟର ତଥା ଅନ୍ୟାନ୍ୟ କୃଷି ଯନ୍ତ୍ରପାତି ବିକ୍ରି ହୋଇଥିବା ବେଳେ ଶହେରୁ ଅଧିକ ଚାଷୀ କୃଷି ଯନ୍ତ୍ରପାତି କିଣିବା ପାଇଁ ଅଗ୍ରିମ ବୁକିଂ କରିଥିବା ଜଣାପଡିଛି।

# 'ଗଣମାଧ୍ୟମ ଏକ ଜ୍ଞାନର ଭଣ୍ଡାର'

ଅନୁଗୋଳ,୧୬।୧୧ (ଅମିତ କୁମାର ସାମଲ)

ଅନୁଗୋଳ ଜିଲାସ୍ତରୀୟ ଜାତୀୟ ପ୍ରେସ ଦିବସ ଗୁରୁବାର ପୂର୍ବାହ୍ନରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କ ଅଧ୍ୟକ୍ଷତାରେ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ସରକାର ନେଇଥିବା ବିଭିନ୍ନ ଉନ୍ନୟନମୂଳକ ପଦକ୍ଷେପ ଉପରେ ଅତିରିକ୍ତ ଜିଲାପାଳ ଆଲୋକପାତ କରିଥିଲେ। ଗଣମାଧ୍ୟମ ଏକ ଜ୍ଞାନର ଭଣ୍ଡାର ଏବଂ ଏହାର ସୁଫଳ ସମାଜର ସବୁ ବର୍ଗର ଜନସାଧାରଣଙ୍କୁ ମିଳୁଛି ବୋଲି ଅତିରିକ୍ତ ଜିଲାପାଳ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସରକାରୀ ଓକିଲ ପରମାନନ୍ଦ ମିଶ୍ର, ସମ୍ମାନିତ ବକ୍ତା ଭାବେ ଅନୁଗୋଳ ସ୍ୱୟଂଶାସିତ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଫେସର ଡ. ଗଙ୍ଗାଧର କର ଯୋଗଦେଇ କୃତ୍ରିମ ମେଧାକୁ ଠିକ ଭାବେ ବ୍ୟବହାର କରି ଗଣମାଧ୍ୟମ କାର୍ଯ୍ୟକରିବା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ଭାବେ ମାଧ୍ୟମିକ ଶିକ୍ଷା ପରିଷଦର ଅବସରପ୍ରାପ୍ତ ସଭାପତି ଡ. ଧରଣୀଧର ନାଥ ଯୋଗଦେଇ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ଏକ ସଂଯୋଗ ସେତୁ ଭାବେ ଗଣମାଧ୍ୟମ କାର୍ଯ୍ୟ କରେ ବୋଲି ମତ ପ୍ରକାଶ କରିଥିଲେ। ଶେଷରେ ଖବରଦାତାମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା କାର୍ଡ ବଣ୍ଟନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ଓ ଉପଖଣ୍ଡସ୍ତରରୁ ଆସିଥିବା ଖବରଦାତାଙ୍କ ସମେତ ଜିଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗ ଦେଇଥିଲେ। ଏହି ବୈଠକକୁ ଭାରପ୍ରାପ୍ତ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ କୈଳାଶ ଚନ୍ଦ୍ର ବେହେରା ପରିଚାଳନା କରିଥିଲେ।




# ବ୍ଲକସ୍ତରୀୟ ବିଜ୍ଞାନ ମେଳା ପାଇଁ ପ୍ରସ୍ତୁତି

ବଇଣ୍ଡା,୧୬।୧୧ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକସ୍ତରୀୟ ବିଜ୍ଞାନ ମେଳା ଶୁକ୍ରବାର ନାକିଚି ହାଇସ୍କୁଲ ପରିସରରେ ଅନୁଷ୍ଠିତ ହେବ। ଏ ନେଇ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ନାକିଚି ହାଇସ୍କୁଲ ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅମରେଶ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଜନ କୁମାର ସାହୁ, ସିଆରସିସି ଶରତ ଚନ୍ଦ୍ର ସେଠୀ, କ୍ଷିତିଜା ରଞ୍ଜନ ଦେହୁରୀ, ରଜନୀକାନ୍ତ ଦେହୁରୀ, ଅମରେଶ ବଡ଼ମାଳି, ସସ୍ମିତା ସାହୁ, ପ୍ରଶ୍ନ ରାଉଳ, ଅମିତାଭ ପ୍ରଧାନଙ୍କ ସମେତ ବ୍ଲକର ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷୟିତ୍ରୀଶିକ୍ଷକମାନେ ଯୋଗ ଦେଇଥିଲେ। ବ୍ଲକସ୍ତରୀୟ ବିଜ୍ଞାନ ମେଳାରେ କିଭଳି ଅଧିକ ପ୍ରକଳ୍ପ ସ୍ଥାନ ପାଇବ ସେ ନେଇ ସମସ୍ତ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକମାନେ ଦୃଷ୍ଟି ଦେବାକୁ ପରାମର୍ଶ ଦିଆଯାଇଥିଲା। ଶୃଙ୍ଖଳାର ସହ ଏହି କାର୍ଯ୍ୟକ୍ରମ ପାଳନ କରିବା ପାଇଁ ସମସ୍ତ ଶିକ୍ଷକ ଯତ୍ନବାନ ହେବାକୁ ଅତିଥିମାନେ ପରାମର୍ଶ ଦେଇଥିଲେ।


ବୈଠକରେ ଅଧିକାରୀମାନଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକମାନେ।

# ୭ ଦିନ ମଧ୍ୟରେ ନିଯୁକ୍ତି ନ ମିଳିଲେ ଆନ୍ଦୋଳନ

ତାଳଚେର,୧୬।୧୧ (ମନୋଜ ନନ୍ଦ)

ତାଳଚେରସ୍ଥିତ ଏମ୍‌ସିଏଲ୍‌ର ଲିଙ୍ଗରାଜ କୋଇଲା ଖଣି ମଧ୍ୟରେ କାର୍ଯ୍ୟ କରୁଥିବା ସମସ୍ତ ଘରୋଇ କମ୍ପାନୀରେ ୫ କିଲୋମିଟର ଅଞ୍ଚଳର କ୍ଷତିଗ୍ରସ୍ତ ବେକାର ଯୁବତୀ ଯୁବକଙ୍କୁ ନିଯୁକ୍ତି ଦେବା ନେଇ ତାଳଚେର ଯୁବ ସଙ୍ଗଠନ ପକ୍ଷରୁ ଏକ ଦାବିପତ୍ର ଉପଜିଲାପାଳଙ୍କୁ ପ୍ରଦାନ କରାଯାଇଛି। ସଙ୍ଗଠନ ସଭାପତି ତୁଷାର କୁମାର ସାହୁଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଉପଜିଲାପାଳ ମନୋଜ କୁମାର ତ୍ରିପାଠୀଙ୍କୁ ସାକ୍ଷାତ କରି ଆଲୋଚନା କରିବା ସହିତ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଉଲ୍ଲେଖ କରାଯାଇଛି, ଲିଙ୍ଗରାଜ ମାଇନ୍ସ ଯୋଗୁ ଆଖପାଖ ଅଞ୍ଚଳ କ୍ଷତିଗ୍ରସ୍ତ ହୋଇଛି। ଲିଙ୍ଗରାଜ ଖଣିର ଧୂଳିଧୂଆଁ ଓ କଳାପାଣି ଯୋଗୁ ଚାଷ କ୍ଷତିଗ୍ରସ୍ତ ହେଉଛି। ରାଜ୍ୟ ସରକାରଙ୍କ ନିୟମ ଅନୁସାରେ ୫ କିମି ମଧ୍ୟରେ ଜମିହରା ଓ କ୍ଷତିଗ୍ରସ୍ତ ପ୍ରଜାଙ୍କୁ ନିଯୁକ୍ତି ଦେବାର ନିୟମ ରହିଛି। କିନ୍ତୁ ଲିଙ୍ଗରାଜ ଖଣିରେ କାର୍ଯ୍ୟରତ ସମସ୍ତ ଘରୋଇ କମ୍ପାନୀ ଏହାକୁ ପାଳନ କରୁନାହାନ୍ତି। ବାହାର ଅଞ୍ଚଳର ଲୋକଙ୍କୁ ଏଠାରେ ନିଯୁକ୍ତି ଦିଆଯାଉଛି। ଆସନ୍ତା ୭ ଦିନ ମଧ୍ୟରେ ନିଯୁକ୍ତି ନ ମିଳିଲେ କମ୍ପାନୀଗୁଡ଼ିକର କାର୍ଯ୍ୟ ବନ୍ଦ କରିଦିଆଯିବ ବାଲି ଚେତାବନୀ ଦିଆଯାଇଛି। ଦାବିପତ୍ର ପ୍ରଦାନ ବେଳେ ପ୍ରଦୀପ କୁମାର ସାହୁ, ସୁବାସ ସାହୁ, ସଞ୍ଜୟ ସାହୁ, ମୋତି ଖାନ, ମନୋଜ ପ୍ରଧାନ, ରାକେଶ ସାହୁ, ମାନସ ରଞ୍ଜନ ଭୋଇ, ଅସିତ ପ୍ରଧାନ, ଦୀନେଶ ବିଶ୍ୱାଳ ଓ ରୋହିତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।


ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

### ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇ ଯୁବକ ଗିରଫ

କଣିହାଁ,(ସଚ୍ଚିଦାନନ୍ଦ ପ୍ରଧାନ): ବନ୍ୟଜନ୍ତୁ ଶିକାର ପାଇଁ ବିଦ୍ୟୁତ୍ ତାର ବିଛାଇବା ଅଭିଯୋଗରେ ବୁଧବାର କଣିହାଁ ବନବିଭାଗ ବଇଣ୍ଡା ଗ୍ରାମର ବୀରବର ବେହେରା(୩୫)ଙ୍କୁ ଗିରଫ କରିଛି। ବାର୍‌ହା ଶିକାର ପାଇଁ ବଡଗୁଣ୍ଡୁରୀ ହାଇସ୍କୁଲ ପଛରେ ଥିବା କାଜୁ ବୃକ୍ଷ ଓ ଗ୍ରାମ ସଂରକ୍ଷିତ ଜଙ୍ଗଲରେ ୧୧ କେଭି ବିଦ୍ୟୁତ୍ ଲାଇନରେ ହୁକ ପକାଇଥିଲେ ବୀରବର। ଖବରପାଇ ଫରେଷ୍ଟର ଜଲି ଦେହୁରୀ, ଗାର୍ଡ ଦୀପକ ସାହୁ, ମନସ୍ମିତା ସାହୁ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଶିକାର ପାଇଁ ବିଛାଯାଇଥିବା ତାର ଜବତ କରିଥିଲେ। ଏହି ଘଟଣାର ତଦନ୍ତ କରି ବୀରବରଙ୍କୁ ଗିରଫ କରାଯାଇଥିବା ସହକାରୀ ବନ ସଂରକ୍ଷକ ନୀଳମଣି ଦେହୁରୀ ସୂଚନା ଦେଇଛନ୍ତି।

# ରୋଟାରି କ୍ଲବ ପକ୍ଷରୁ ଶିଶୁ ଦିବସ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ପୌରାଞ୍ଚଳ ଗଜମରାସ୍ଥିତ ରୋଟାରି କମ୍ୟୁନିଟି ସେଣ୍ଟର ଆନୁକୂଲ୍ୟରେ ଏବଂ ରୋଟାରି କ୍ଲବ ଢେଙ୍କାନାଳ ସହଭାଗିତାରେ ସ୍ଥାନୀୟ ଗଜମରା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିଶୁ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ନବୀନଚନ୍ଦ୍ର ନାରାୟଣ ଦାସ ସଭାପତିତ୍ୱ କରିଥିଲେ। ବରିଷ୍ଠ ଓ କନିଷ୍ଠ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତର୍କ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ଦିଆଯାଇଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତୀ ସିଂହ ଏବଂ ଶିକ୍ଷୟିତ୍ରୀ ଶିକ୍ଷକମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଢେଙ୍କାନାଳ ରୋଟାରି କ୍ଲବ ସଦସ୍ୟ ହରେକୃଷ୍ଣ କର, ରାଜେନ୍ଦ୍ର ନାରାୟଣ ଦାସ, ପ୍ରଦୋଷ ଶତପଥୀ ଓ ମହେଶ ପ୍ରସାଦ ଅଗ୍ରୱାଲ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ରୋଟାରି କମ୍ୟୁନିଟି ସେଣ୍ଟର ଗଜମରାର ସମ୍ପାଦକ ସଞ୍ଜୟ କୁମାର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ ସ୍କୁଲର ସମସ୍ତ ଛାତ୍ରୀଛାତ୍ରଙ୍କୁ ରୋଟାରି କ୍ଲବ ପକ୍ଷରୁ କଲମ, ପେନସିଲ ବଣ୍ଟନ କରାଯାଇଥିଲା।



ରୋଟାରି କ୍ଲବ ପକ୍ଷରୁ ଶିଶୁ ଦିବସ ପାଳନ କରାଯାଉଛି।

# ଚାଷୀଙ୍କୁ ମିଳୁନି ଧାନ ଅଖା ପ୍ରାପ୍ୟ

■ପ୍ରାଥମିକ ସମବାୟ ସମିତିକୁ ମିଳୁନି କମିଶନ ଅର୍ଥ
■ଭିଜିଲାନ୍ସ ତଦନ୍ତ ଦାବିକଲେ ପୂର୍ବତନ ବିଧାୟକ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲାର ଚାଷୀମାନଙ୍କୁ ଧାନ ଅଖା ବାବଦ ପ୍ରାପ୍ୟ ଦୀର୍ଘ ବର୍ଷ ହେଲା ମିଳୁ ନାହିଁ। ଏପରି କି ଜିଲାରେ ଥିବା ପ୍ରାଥମିକ ସମବାୟ ସମିତିମାନେ ମଧ୍ୟ ସେମାନଙ୍କ ଧାନ ବିକ୍ରି କମିଶନ ଟଙ୍କା ପାଇପାରୁ ନ ଥିବା ପୂର୍ବତନ ବିଧାୟକ ନବୀନ ନନ୍ଦ ଗୁରୁବାର ଅଭିଯୋଗ କରିବା ସହ ଏହାର ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି।

ସୂଚନା ଅଧିକାର ତଥ୍ୟକୁ ଆଧାର କରି ପୂର୍ବତନ ବିଧାୟକ ନନ୍ଦ ଅଭିଯୋଗ କରିଛନ୍ତି, ୨୦୨୧-୨୨ ଆର୍ଥିକ ବର୍ଷ ସୁଦ୍ଧା ସରକାରଙ୍କ ପକ୍ଷରୁ ଧାନ ଅଖା ବାବଦକୁ ଜିଲାକୁ ୮କୋଟି ୩୫ଲକ୍ଷ ୩ହଜାର ୪୯୮ଟଙ୍କା ମିଳିଛି। କିନ୍ତୁ ଜିଲାରେ ଥିବା ୮୦ଟି ପ୍ରାଥମିକ ସମବାୟ ସମିତି ସଭ୍ୟ ତଥା ଚାଷୀ ଏଥିରୁ ଟଙ୍କାଟିଏ ମଧ୍ୟ ପାଇନାହାନ୍ତି। ସେହିପରି ଜିଲାରେ ଥିବା ପ୍ରାଥମିକ ସମବାୟ ସମିତିମାନେ ସେମାନଙ୍କ ଧାନବିକ୍ରି ପ୍ରାପ୍ୟ କମିଶନ ଟଙ୍କା ମଧ୍ୟ ପାଇପାରୁନାହାନ୍ତି। ଏହି କମିଶନ ବାବଦକୁ ୨୦୧୮-୧୯ ବର୍ଷ ସୁଦ୍ଧା ୬କୋଟି ୫୬ଲକ୍ଷ ୬୨ ହଜାର ୧୦୧ ଟଙ୍କା ଦିଆଯାଇନାହିଁ। ଗଁଦିଆର ୧୫ଟି ସମବାୟ ସମିତିର ସଭାପତି ଏ ନେଇ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ମଣ୍ଡି ପରିଚାଳନା ପ୍ରାପ୍ୟ ବାବଦକୁ ସମବାୟ ସମିତି ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ମଧ୍ୟ ୨୦୨୨-୨୩ ବର୍ଷ ସୁଦ୍ଧା ୩କୋଟି ୪୩ଲକ୍ଷ ୮ହଜାର ୪୨୭ଟଙ୍କା ପାଇନାହାନ୍ତି। ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ଭିତରେ ଚାଷୀଙ୍କୁ ଟଙ୍କା ଦେବାର ନିୟମ ଥିଲେ ମଧ୍ୟ ଅନେକ ଚାଷୀ ୧ ମାସରୁ ଊର୍ଦ୍ଧ୍ୱ ସମୟ ଧରି ଟଙ୍କା ପାଇନାହାନ୍ତି। ସେହିପରି ମିଲରମାନେ ମନଇଚ୍ଛା କୁଇଣ୍ଟାଲ ପିଛା ଧାନ କାଟୁଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରେ ବିଭିନ୍ନ କୃଷି ଉଦ୍ୟୋଗ ପାଇଁ ବ୍ୟବସ୍ଥା ରହିଥିବା ବେଳେ ଏଥିପାଇଁ ଦରଖାସ୍ତ କରୁଥିବା ଉଦ୍ୟୋଗମାନଙ୍କ ପ୍ରସ୍ତାବକୁ ଜିଲାସ୍ତରୀୟ ଅନୁମୋଦନ ମିଳୁଥିଲେ ମଧ୍ୟ ଜାତୀୟକରଣ ବ୍ୟାଙ୍କ ଏଥିପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଦୀର୍ଘଦିନ ହେଲା ପ୍ରମାଣପତ୍ର ମିଳୁ ନ ଥିବାରୁ ଉପକରଣ, ସାର ଓ ବିହନ କିଣିବାରେ ଚାଷୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାଗୁଡିକର ସମାଧାନ କରା ନ ଗଲେ ଢେଙ୍କାନାଳ ସ୍ୱାଭିମାନ ସୁରକ୍ଷା ମଞ୍ଚ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ପୂର୍ବତନ ବିଧାୟକ ନବୀନ ନନ୍ଦ ଜଣାଇଛନ୍ତି। ଏ ସଂକ୍ରାନ୍ତରେ ଜିଲା ବେସାମରିକ ଯୋଗାଣ ଅଧିକାରୀ ବସନ୍ତ କୁମାର ପଣ୍ଡା କହିଛନ୍ତି, ଅଭିଯୋଗ ଆସିନାହିଁ। ଚାଷୀଙ୍କ ଅଖା ବାବଦ ପ୍ରାପ୍ୟ ଓ ସମବାୟ ସମିତି ମାନଙ୍କ କମିଶନ ଯୋଗାଣ ନିଗମ ପକ୍ଷରୁ ସିଧାସଳଖ ପ୍ରଦାନ କରାଯାଇଥାଏ। ଏଥିରେ ବେସାମରିକ ଯୋଗାଣ ବିଭାଗର କିଛି ଭୂମିକା ନ ଥାଏ।

# ଇପିଏଫ୍ ପେନସନଭୋଗୀଙ୍କ ପକ୍ଷରୁ ଦାବିପତ୍ର



ଇପିଏଫ୍ ପେନସନଭୋଗୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଛି।

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ଇପିଏଫ୍ ପେନସନଭୋଗୀ ରାଜ୍ୟ ସଂଘ ଆହ୍ୱାନ କ୍ରମେ ଜିଲାରେ ଗୁରୁବାର ଇପିଏଫ୍ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସମସ୍ୟାକୁ ନେଇ ଜିଲା ସଭାପତି ଜ୍ୟୋତି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ସଦସ୍ୟମାନେ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିପତ୍ରରେ ଦର୍ଶାଯାଇଛି, ୧୯୯୫ ମସିହା ନଭେମ୍ବର ୧୬ ତାରିଖରୁ ଇପିଏଫ୍-୯୫ ନିୟମ ଅନୁସାରେ ମାସିକ ପେନସନ ୩୦୦ରୁ ୩୦୦୬ ଟଙ୍କା ପ୍ରଦାନ କରାଯାଉଥିଲା। ଅଧିକ ପେନସନଭୋଗୀ ମାସିକ ୧୦୦୦ ଟଙ୍କାରେ କମ୍ ପେନସନ ପାଇ ଦୟନୀୟ ଅବସ୍ଥାରେ ଜୀବନ ବିତାଉଛନ୍ତି। ଏହି ସ୍ୱଳ୍ପ ପେନସନ ସହିତ ମହଙ୍ଗା ଭତ୍ତା ପେନସନ ବୃଦ୍ଧି କରାଯାଉନାହିଁ। ତେଣୁ ସର୍ବଭାରତୀୟ ସ୍ତରରେ ଇପିଏଫ୍ ପେନସନଭୋଗୀମାନେ ଚଳିତବର୍ଷ ପେନସନ ଦିବସକୁ ପ୍ରତିବାଦ ଦିବସ ଭାବେ ପାଳନ କରୁଛନ୍ତି। ସର୍ବନିମ୍ନ ପେନସନ ୯ହଜାର ଟଙ୍କାକୁ ବୃଦ୍ଧି କରିବା, ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଆଧାରରେ ବର୍ଦ୍ଧିତ ପେନସନ ପ୍ରଦାନ କରାଯିବା, ଦରଦାମ ବୃଦ୍ଧି ଭରଣା ଲାଗି ପେନସନ ସହିତ ମହଙ୍ଗାଭତ୍ତା ପ୍ରଦାନ, ସମସ୍ତ ଇପିଏଫ୍ ପେନସନଭୋଗୀ ପରିବାରକୁ ସରକାରୀ ଯୋଜନାରେ ସାମିଲ କରାଯାଇ ନିଶୁଳ୍କ ଚିକିତ୍ସା ସେବା ଯୋଗାଇଦେବା ଆଦି ଦାବି କରାଯାଇଛି।

# ହ୍ୱାଟସ୍‌ଆପ୍ ଚାଟିଂରେ ଫସିଲେ ଯୁବତୀ

■ଚାକିରି ଦେବାକୁ କହି ଠକେଇ, ଯୁବକଙ୍କ ପତ୍ତା ମିଳୁନି
■ଥାନାରେ ମାମଲା, ପୋଲିସର ତନାଘନା

ଢେଙ୍କାନାଳ,୧୬।୧୧
(ରତନ ନାୟାର)

ଢେଙ୍କାନାଳ ସହରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ଚାକିରି କରାଇ ଦେବାକୁ କହି ଜଣେ ଅଜଣା ଯୁବକ ସହରାଞ୍ଚଳରେ ରହୁଥିବା ଜଣେ ଯୁବତୀଙ୍କ ଠାରୁ ୧୯ ହଜାର ଟଙ୍କା ଠକି ନେଇଥିବା ଗୁରୁବାର ଟାଉନ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତନାଘନା ଆରମ୍ଭ କରିଛି। ଅଭିଯୋଗରେ ଦର୍ଶାଯାଇଛି, ସମ୍ପୃକ୍ତ ଯୁବକ ହ୍ୱାଟସ୍‌ଆପରେ ଢେଙ୍କାନାଳ ସହରସ୍ଥିତ ଏକ ଇଞ୍ଜିନିୟରିଂ କଲେଜରେ ଅଫିସ ଏକଜିକ୍ୟୁଟିଭ ପଦବୀ ପାଇଁ ଶିକ୍ଷିତ ଯୁବତୀଙ୍କ ଆବଶ୍ୟକତା ରହିଛି ବୋଲି ବିଜ୍ଞାପନ ଦେଇଥିଲେ। ଏହାକୁ ଦେଖି ଜଣେ ଯୁବତୀ, ସମ୍ପୃକ୍ତ ଯୁବକଙ୍କ ସହିତ ଚାଟିଂ କରି ତାଙ୍କୁ ଚାକିରି ଦରକାର ବୋଲି ଅନୁରୋଧ କରିଥିଲେ। ଏହାର ସୁଯୋଗ ନେଇ ଯୁବକଜଣକ ଯୁବତୀଙ୍କ ଠାରୁ ୧୯ ହଜାର ଟଙ୍କା ନେବା ସହ ଗୁରୁବାର କାର୍ଯ୍ୟରେ ଯୋଗଦେବା ପାଇଁ କଲେଜର ଏକ ନକଲି ପ୍ୟାଡ୍‌ରେ ନିଯୁକ୍ତିପତ୍ର ପଠାଇଥିଲେ। ଏହି ନିଯୁକ୍ତି ପତ୍ରକୁ ନେଇ ଯୁବତୀ ଜଣକ ଉକ୍ତ ଇଞ୍ଜିନିୟରିଂ କଲେଜରେ ପହଞ୍ଚିବା ପରେ କଲେଜ କର୍ତ୍ତୃପକ୍ଷ ଚିଠି ଓ ପ୍ୟାଡ୍ ତାଙ୍କ କଲେଜର ନୁହେଁ ବୋଲି କହିଥିଲେ। କଲେଜରେ ଏଭଳି କୌଣସି ପଦବୀ ପାଇଁ ବିଜ୍ଞାପନ ବାହାର କରାଯାଇନାହିଁ ବୋଲି ସ୍ପଷ୍ଟ କରିଥିଲେ। ଅଭିଯୋଗକୁ ଭିତ୍ତିକରି ଥାନାରେ ନଂ.୮୬୯/୨୩ରେ ମାମଲା ରୁଜୁ କରି ପୋଲିସ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ରାଜେନ୍ଦ୍ର ମହାପାତ୍ର ସୂଚନା ଦେଇଛନ୍ତି।

# ଢେଙ୍କାନାଳରେ ସଞ୍ଚୟ ପକ୍ଷ ଉଦ୍‌ଯାପିତ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ପ୍ରଶାସନ ଓ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗର ମିଳିତ ଆନୁକୂଲ୍ୟରେ ଗତ ୩୧ ତାରିଖ ଠାରୁ ଚଳିତମାସ ୧୪ ତାରିଖ ପର୍ଯ୍ୟନ୍ତ ଚାଲିଥିବା ସଞ୍ଚୟ ପକ୍ଷ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଉଭୟ କନିଷ୍ଠ ଓ ବରିଷ୍ଠ ବର୍ଗରେ ଏକ ଜିଲାସ୍ତରୀୟ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କନିଷ୍ଠ ବର୍ଗରେ ସୁଲକ୍ଷଣା ଦେବୀ ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ମୃତିରେଖା ସାହୁ ପ୍ରଥମ, ବ୍ରଜନାଥ ବଡଜେନା ଉଚ୍ଚ ବିଦ୍ୟାଳୟ ଛାତ୍ର ଆଶୁତୋଷ ତ୍ରିପାଠୀ ଦ୍ୱିତୀୟ, ମହିମା ଉଚ୍ଚ ବିଦ୍ୟାଳୟ ଛାତ୍ରୀ ସ୍ମୃତି ଦାସ ତୃତୀୟ ସ୍ଥାନ ଅଧିକାର କରିଥିଲେ। ବରିଷ୍ଠ ବିଭାଗରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟର ଦେବନିତା ପ୍ରଧାନ ପ୍ରଥମ, ପ୍ରଜ୍ଞା ପାରମିତା ମହାପାତ୍ର ଦ୍ୱିତୀୟ ଓ ମହିଳା ମହାବିଦ୍ୟାଳୟର ସ୍ୱପ୍ନାରାଣୀ ପଣ୍ଡା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ପୁରସ୍କୃତ କରିଥିଲେ। ସେହିପରି ସ୍ୱଳ୍ପ ସଞ୍ଚୟ ଜମାରାଶି ବୃଦ୍ଧିରେ ଢେଙ୍କାନାଳ ଜିଲାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅଭିକର୍ତ୍ତାମାନଙ୍କୁ ଜିଲାପାଳ ମନୋରଞ୍ଜନ ମଲ୍ଲିକ ମଧ୍ୟ ସମ୍ବର୍ଦ୍ଧିତ କରିଥିଲେ। ଡାକଘର ପୌନଃପୁନିକ ଜମାରାଶି ବୃଦ୍ଧିରେ ମୁଖ୍ୟ ଡାକଘରର ପୁଷ୍ପମିତ୍ରା ପଣ୍ଡା ପ୍ରଥମ, ଗଦାଶିଳା ଉପ ଡାକଘରର ଗୀତାଞ୍ଜଳି ତ୍ରିପାଠୀ ଦ୍ୱିତୀୟ ଓ ଜୁବୁଲିଟାଉନ ଉପ ଡାକଘରର ମମତା ହୋତା ତୃତୀୟ ସ୍ଥାନ ଅଧିକାର କରିଥିଲେ। ସେହିପରି ଡାକଘର ମାସିକ ଆୟ ଯୋଜନା ଜମାରାଶି ବୃଦ୍ଧିରେ ମୁଖ୍ୟ ଡାକଘରର ଅଭିକର୍ତ୍ତା ସୁଶାନ୍ତ କୁମାର ମିଶ୍ର, ପୁଷ୍ପମିତ୍ରା ପଣ୍ଡା ଓ ସନ୍ତୋଷ କୁମାର ଦାସ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଚୟ ଏବଂ ଆର୍ଥିକ ସେବା ବିଭାଗର ସହ ନିର୍ଦ୍ଦେଶକ ପ୍ରଜ୍ଞା ମିଶ୍ର ଏବଂ ଢେଙ୍କାନାଳ ସଦର ଉପଖଣ୍ଡର ଆର୍ଥିକ ସେବା ସଞ୍ଚୟ ଅଧିକାରୀ ଅଭୀଲିପ୍ସା ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।


ସମ୍ବର୍ଦ୍ଧିତ ହୋଇଥିବା ପ୍ରତିଯୋଗୀ ଓ ଅଭିକର୍ତ୍ତାମାନେ।

# ହାତଧୁଆ ପ୍ରଣାଳୀ ଶିଖିଲେ ଛାତ୍ରୀଛାତ୍ର

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଶିରିମୁଳା ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ଡୁମୁସିଙ୍ଗା ଉପ୍ରା ବିଦ୍ୟାଳୟ ପରିସରରେ ଛାତ୍ରୀଛାତ୍ରଙ୍କୁ ହାତଧୁଆ ପ୍ରଣାଳୀ ଗୁରୁବାର ପ୍ରଦର୍ଶନ କରାଯାଇଥିଲା। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଫାଲଗୁନୀ ମିଶ୍ର, ସଂଯୋଜିକା ରଞ୍ଜିତା ବେହେରା ଓ ବ୍ରହ୍ମାନନ୍ଦ ବେହେରା ପ୍ରମୁଖ ଯୋଗଦେଇ ହାତଧୁଆ ପ୍ରଣାଳୀ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ବୁଝାଇ ହାତ ମାଧ୍ୟମରେ ଶରୀରକୁ ଯାଇ ପେଟରେ ରୋଗ ସୃଷ୍ଟି ହେଉଥିବାରୁ ଜୀବାଣୁ ପ୍ରତି ସାବଧାନ ହେବାକୁ ପରାମର୍ଶ ଦେଇଥିଲେ। ଖାଇବା ପୂର୍ବରୁ ହାତ ଧୋଇବାର ୬ଟି ପ୍ରଣାଳୀ ଓ ସାବୁନ ବ୍ୟବହାର ପାଇଁ ବୁଝାଇଥିଲେ। ବିଦ୍ୟାଳୟର ହିନ୍ଦୀ ଶିକ୍ଷକ କବୀନ୍ଦ୍ର ଦାସ, ସହକାରୀ ଶିକ୍ଷୟିତ୍ରୀ ସବିତା ବେହେରା, ଶିକ୍ଷକ ସୁକାନ୍ତ କୁମାର ବେହେରା ପ୍ରମୁଖ ସହଯୋଗ କରିଥିଲେ।


ଛାତ୍ରୀଛାତ୍ରଙ୍କୁ ହାତଧୁଆ ପ୍ରଣାଳୀ ଶିଖାଯାଉଛି।

# ଗଣତନ୍ତ୍ର ସୁଦୃଢ଼ ପାଇଁ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ସହର ପୁରୁଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଗୁରୁବାର ଆମ ପ୍ରତିଭା ଆମ ସମ୍ମାନ ଓ ଆଗେଇବା ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଜାତୀୟ ସାମ୍ବାଦିକ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସାମ୍ବାଦିକଙ୍କ ପାଇଁ ସାମାଜିକ ସୁରକ୍ଷାର ଆବଶ୍ୟକତା ସମ୍ପର୍କିତ ଶୀର୍ଷକକୁ ନେଇ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଜିଲାପାଳ ମନୋରଞ୍ଜନ ମଲ୍ଲିକ କହିଲେ ଯେ, ସମାଜର ପ୍ରତିଛବି ଗଣମାଧ୍ୟମ। ଛାପା ଗଣମାଧ୍ୟମରେ ଗୋଟିଏ ଖବର ସମ୍ପର୍କରେ ଅଧିକ ତଥ୍ୟ ମିଳିଥାଏ। ପ୍ରଶାସନ ଓ ଗଣମାଧ୍ୟମ ଅଙ୍ଗାଙ୍ଗୀଭାବେ ଜଡିତ। ଗଣତନ୍ତ୍ର ସୁଦୃଢ଼ ପାଇଁ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ଜିଲାପାଳ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଅଟଳ ବିହାରୀ ଦାସ ଯୋଗଦେଇ କହିଲେ, ଗଣମାଧ୍ୟମ ପ୍ରତିନିଧିମାନଙ୍କ ସାମାଜିକ ସୁରକ୍ଷା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଚିନ୍ତା କରିବା ଜରୁରୀ। ଆମ ପ୍ରତିଭା ଆମ ସମ୍ମାନ ପ୍ରତିଷ୍ଠାତା ତଥା ଢେଙ୍କାନାଳ ଏମ୍‌ପି ମହେଶ ସାହୁ କହିଲେ, ଗଣମାଧ୍ୟମ ପ୍ରତିନିଧିମାନେ ସକାରାତ୍ମକ ମନୋଭାବ ରଖି କାର୍ଯ୍ୟ ସମ୍ପାଦନ କରନ୍ତୁ। ଜନସାଧାରଣ ମଧ୍ୟ ସେମାନଙ୍କୁ ନିଜର ବନ୍ଧୁ ବୋଲି ବିଚାର କଲେ ଆଉ ସୁରକ୍ଷାର ଆବଶ୍ୟକତା ରହିବ ନାହିଁ। ଆମ ପ୍ରତିଭା ଆମ ସମ୍ମାନ ଉପସଭାପତି କୋଦଣ୍ଡଧର ସାହୁ ସଭାପତିତ୍ୱ କରିଥିଲେ। ସମ୍ପାଦକ କାର୍ତ୍ତିକ ସାହୁ ବିବରଣୀ ପାଠ କରିଥିଲେ। ଆଗେଇବାର କାର୍ଯ୍ୟକାରୀ ସମ୍ପାଦକ ଗଦାଧର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଅବସରରେ ବରିଷ୍ଠ ଖବରଦାତା କୃଷ୍ଣକୁମାର ମିଶ୍ର ଓ ପ୍ରଦୀପ କୁମାର ଦାସଙ୍କ ସମେତ ଜିଲାର ସମସ୍ତ ଉପଖଣ୍ଡ, ବ୍ଲକ, ପୌରାଞ୍ଚଳ ଓ ବିଜ୍ଞାପିତ ଅଞ୍ଚଳ ପରିଷଦର ଖବରଦାତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସତ୍ୟ ନାରାୟଣ କର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ପଣ୍ଡିତ ମାତୃପ୍ରସାଦ ମିଶ୍ରଙ୍କ ସମେତ ସଦାଶିବ ମହାପାତ୍ର, ଶ୍ୟାମ ସୁନ୍ଦର ସାହୁ, ତିଲୋତ୍ତମା ଚୌଧୁରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ହିନ୍ଦୋଳ ବିଜ୍ଞାପିତ ପରିଷଦ ଅଧ୍ୟକ୍ଷ କେଶବ ପ୍ରଧାନ, ବ୍ଲକ ଅଧ୍ୟକ୍ଷା ସସ୍ମିତା ନାୟକ ଓ ଗଁଦିଆ ବ୍ଲକ ଅଧ୍ୟକ୍ଷା ରୀନାରାଣି ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ ।


ବରିଷ୍ଠ ଖବରଦାତା କୃଷ୍ଣକୁମାର ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜୀବନଜ୍ୟୋତି ଦିବ୍ୟାଙ୍ଗ ସ୍କୁଲରେ ଦୀପାବଳି



ଜୀବନଜ୍ୟୋତି ଦିବ୍ୟାଙ୍ଗ ସ୍କୁଲ ପକ୍ଷରୁ ଦୀପାବଳି ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳର ଇନରହ୍ୱିଲ କ୍ଲବ ସଦସ୍ୟମାନେ ରବିବାର ସଦର ବ୍ଲକ ଗୋବିନ୍ଦପୁରଠାରେ ଥିବା ଜୀବନଜ୍ୟୋତି ଦିବ୍ୟାଙ୍ଗ ସ୍କୁଲ ପରିସରରେ ଅନ୍ତେବାସୀ ଛାତ୍ରୀଛାତ୍ରମାନଙ୍କ ସହ ଦୀପାବଳି ପାଳନ କରିଥିଲେ। ଏହି ଅବସରରେ ମିଷ୍ଟାନ୍ନ, ବିଭିନ୍ନ ପ୍ରକାର ଫଳ, ଦୀପ ଆଦି ବଣ୍ଟନ କରିଥିଲେ। ଇନରହ୍ୱିଲ କ୍ଲବ ସଭାପତି ଗାୟତ୍ରୀ ହିଣ୍ଡୋଚା, ସମ୍ପାଦକ ଶ୍ରଦ୍ଧା ଅଗ୍ରୱାଲ, ନୂତନ ସଦସ୍ୟା ଯୁବରାଣୀ ମ୍ରିନାଲ ସିଂହଦେଓ ପ୍ରମୁଖ ଅନ୍ତେବାସୀଙ୍କ ସହିତ କିଛି ସମୟ ଅତିବାହିତ କରିଥିଲେ।

# ପ୍ରେସ୍ ଦିବସରେ ଆଲୋଚନାଚକ୍ର

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଗୁରୁବାର ମଧ୍ୟାହ୍ନରେ ପୌରସଂସ୍ଥା ଅଡିଟୋରିୟମଠାରେ ଜାତୀୟ ପ୍ରେସ୍ ଦିବସ ପାଳନ କରାଯାଇଛି। ଚଳିତବର୍ଷ ଏହି ଦିବସ ପାଳନ ଅବସରରେ କୃତ୍ରିମ ବୁଦ୍ଧିମତା ଯୁଗରେ ଗଣମାଧ୍ୟମ ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ(ସାଧାରଣ) ରମେଶଚନ୍ଦ୍ର ସେଠୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଖବରଦାତା ବିରଞ୍ଚି ନାରାୟଣ ସେଠ୍, ପ୍ରତାପ ବରାଳ, ରତନ ନାୟାର, ସତ୍ୟ ସ୍ୱରୂପ ଦାସ, ଅଭୟ ସାହୁ, ଶିଶିର ଶତପଥୀ, ଲକ୍ଷ୍ମୀକାନ୍ତ ସାହୁ, ଅମରେନ୍ଦ୍ର ଦାସ, ସିବାଶ କୁମାର ନାୟକ, ଅମୀୟ କୁମାର ଚାନ୍ଦ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଭିଷେକ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉପଖଣ୍ଡସ୍ତରୀୟ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରମେଶଚନ୍ଦ୍ର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।


ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ଅଧିକାରୀମାନେ।

# ୧୦ ମାସରେ ୩୩୭ ଦୁର୍ଘଟଣା, ୧୫୦ ଜୀବନହାନି

■ରାଜପଥରେ ବେଆଇନ କଟିଂ ରୋକାଯିବ
■ଦୁର୍ଘଟଣାପ୍ରବଣ ସ୍ଥାନରେ ବଡ଼ ସାଇନେଜ୍ ଲାଗିବାକୁ ଗୁରୁତ୍ୱ

ଢେଙ୍କାନାଳ,୧୬।୧୧(ରତନ ନାୟାର)

ଢେଙ୍କାନାଳ ଜିଲା ସଡ଼କ ସୁରକ୍ଷା କମିଟି ବୈଠକ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ(ରାଜସ୍ୱ) ଲଳିତ ମୋହନ ବେହେରା ବୈଠକରେ ଅଧ୍ୟକ୍ଷତା କରି ପୂର୍ବ ଏବଂ ଚଳିତ ବୈଠକର ନିଷ୍ପତ୍ତିକୁ କଡାକଡି ଭାବେ ପାଳନ କରିବା ପାଇଁ ଆଞ୍ଚଳିକ ପରିବହନ ବିଭାଗ, ପୂର୍ତ୍ତ ବିଭାଗ ଏବଂ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ରାସ୍ତାପାର୍ଶ୍ୱ ଢାବାଗୁଡ଼ିକ ନିକଟରେ ୫୫ ଓ ୫୩ନଂ. ଜାତୀୟ ରାଜପଥ ମଝିରୁ ବେଆଇନ ଭାବେ କଟିଂ କରାଯାଇ ରାସ୍ତା ବାହାର କରାଯାଉଥିବା ନେଇ ଜାତୀୟ ରାଜପଥ ପ୍ରାଧିକରଣ କର୍ତ୍ତୃପକ୍ଷ ବୈଠକରେ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସଂକ୍ରାନ୍ତରେ ଏସ୍‌ପିଙ୍କୁ ଲିଖିତ ଭାବେ ଜଣାଇବା ପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଅତିରିକ୍ତ ଜିଲାପାଳ କହିଥିଲେ। ଆସନ୍ତା ମାର୍ଚ୍ଚ ମଧ୍ୟରେ ଅଧାପନ୍ତରିଆ ହୋଇ ପଡିଥିବା ରାସ୍ତା କାମ ସାରିବା ପାଇଁ ବୈଠକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା।

ଗତ ଜାନୁୟାରୀରୁ ଅକ୍ଟୋବର ମଧ୍ୟରେ ଜିଲାରେ ୩୩୭ଟି ଦୁର୍ଘଟଣା ଘଟି ୩୪୭ଜଣ ଆହତ ହୋଇଥିବା ବେଳେ ୧୫୦ ଜଣଙ୍କ ମୃତ୍ୟୁ ହୋଇଛି। ୨୦୨୨ ମସିହା ଏହି ସମୟ ମଧ୍ୟରେ ୧୬୩ ଜଣଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିଲା ବୋଲି ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ପୌରାଞ୍ଚଳ ପୂର୍ତ୍ତ ବିଭାଗ ରାସ୍ତାରେ ସ୍କୁଲ, କଲେଜ ଥିବା ଅଞ୍ଚଳରେ ପୂର୍ତ୍ତ ବିଭାଗ ପକ୍ଷରୁ ସାଇନେଜ୍ ଲଗାଇବା ପାଇଁ ମତପ୍ରକାଶ ପାଇଥିଲା। ସହର ରାସ୍ତାରୁ ଗୋରୁ ଓ ଷଣ୍ଢଙ୍କୁ ହଟାଇବା ପାଇଁ ସଦସ୍ୟମାନେ ଦାବି କରିଥିଲେ। କପିଳାସଠାରୁ ଗଁଦିଆ, ଷଡଙ୍ଗୀ ଦେଇ ଭୁବନକୁ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତା ମରାମତି କରିବାକୁ ଦାବି କରାଯାଇଥିଲା। ଏହି ବୈଠକରେ ଆଞ୍ଚଳିକ ପରିବହନ ଅଧିକାରୀ ପ୍ରଣୟ କୁମାର ମିଶ୍ର, ମୋଟରଯାନ ନିରୀକ୍ଷକ ଦେବାଶିଷ ସ୍ୱାଇଁ, ପୌର ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ, ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ରଙ୍କ ସମେତ ବିଭିନ୍ନ ବିଭାଗର ସଦସ୍ୟ ଓ ସଡ଼କ ସୁରକ୍ଷା କମିଟି ସଦସ୍ୟମାନେ ଉପସ୍ଥିତ ଥିଲେ।



୫୫ନଂ. ଜାତୀୟ ରାଜପଥ।

# ବହୁରୂପୀ ଏଣ୍ଡୁଅ ଉଦ୍ଧାର

ପରଜଙ୍ଗ,୧୬।୧୧
(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ରୋଡ ସରପଞ୍ଚ ବିଶ୍ୱଜିତ୍ ନାୟକ ବ୍ରାହ୍ମଣୀ ନଦୀକୂଳ ରାସ୍ତାରୁ ଗୁରୁବାର ଏକ ବହୁରୂପୀ ଏଣ୍ଡୁଅ ଉଦ୍ଧାର କରି ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ସାଆନ୍ଦା ବିଟ୍ ଫରେଷ୍ଟ ଗାର୍ଡ ନିରଞ୍ଜନ ନାୟକ ଏଣ୍ଡୁଅକୁ ନେଇ ଡମୋଳ କଦଳିପାଳ ଜଙ୍ଗଲରେ ଛାଡିଥିବା ସୂଚନା ଦେଇଛନ୍ତି। ଏହି ବହୁରୂପୀ ଏଣ୍ଡୁଅ ଗୁଡ଼ିକ ଖୁବକମ୍ ଦେଖାଦିଅନ୍ତି।



ଧରିତ୍ରୀ DHARITRI
ଭୁବନେଶ୍ୱର, ଶୁକ୍ରବାର, ୧୭ ନଭେମ୍ବର ୨୦୨୩

## ସ୍ତ୍ରୀଙ୍କୁ ଟାଙ୍ଗିଆରେ ଆକ୍ରମଣ

ବଇଣ୍ଡା,୧୬।୧୧(ପରିକ୍ଷିତ ସାହୁ)- ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା ଟେଣ୍ଟଲୋଇ ଗ୍ରାମର ଅରୁଣି ପଲେଇଙ୍କୁ ତାଙ୍କ ସ୍ୱାମୀ ଦୁର୍ଯ୍ୟୋଧନ ପଲେଇ ଟାଙ୍ଗିଆରେ ଆକ୍ରମଣ କରିଥିବା ଗୁରୁବାର ଥାନାରେ ଅଭିଯୋଗ ହୋଇଛି। ପୋଲିସ ନମ୍ବର ୨୫୬/୨୩ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ପୋଲିସ କହିଛି, ପାରିବାରିକ କଳହକୁ କେନ୍ଦ୍ରକରି ବୁଧବାର ରାତିରେ ଦୁର୍ଯ୍ୟୋଧନ ଆରୁଣୀଙ୍କୁ ମାଡ଼ ମାରିବା ସହ ଆକ୍ରମଣ କରିଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି।



# ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମେଳା ଉଦ୍‌ଯାପିତ

ଅନୁଗୋଳ,୧୬।୧୧ (ଅମିତ କୁମାର ସାମଲ)

ପାଲଲହଡା ଷ୍ଟାଡିୟମ ଠାରେ ଜିତା ଅନୁଷ୍ଠାନ ପକ୍ଷରୁ ୧୪ରୁ ୧୬ ତାରିଖ ଯାଏ ଆୟୋଜିତ ମାଣ୍ଡିଆରୁ ପ୍ରସ୍ତୁତ ଖାଦ୍ୟ ମେଳା ଉଦ୍‌ଯାପିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ମିଲେଟ ମିଶନ କାର୍ଯ୍ୟରେ ପୃଷ୍ଟି ଶସ୍ୟକୁ ଲୋକାଭିମୁଖୀ କରିବା, ମାଣ୍ଡିଆ ସହ ଅନ୍ୟ ପୃଷ୍ଟି ଶସ୍ୟକୁ ଚାଷ ଜମି ଠାରୁ ଖାଦ୍ୟ ଥାଳି ପର୍ଯ୍ୟନ୍ତ ନିରନ୍ତର ପହାଞ୍ଚାଇବାର ପ୍ରୟାସ ଭିତରେ ଜିତା ଅନୁଷ୍ଠାନ ପାଲଲହଡାରେ ସହାୟକ ଅନୁଷ୍ଠାନ ଭାବେ ବିଭିନ୍ନ ସଚେତନତା କାର୍ଯ୍ୟ କରିଆସୁଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ମେଳାରେ କୃଷି ଅଫିସ କାର୍ଯ୍ୟାଳୟର ବ୍ଲକ କୃଷି ଅଧିକାରୀ, କଣିହାଁ ବ୍ଲକ କୃଷି ଅଧିକାରୀ, ସହ କୃଷି ଅଧିକାରୀ ପାଲଲହଡା ଏବଂ ତାଳଚେର ତଥା ସ୍ଥାନୀୟ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ, ଛାତ୍ରୀଛାତ୍ର ଉକ୍ତ ମେଳା ବୁଲି ଦେଖିଥିଲେ। ଏହାସହ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ସମସ୍ତଙ୍କୁ ପରିବେଷଣ କରି ମାଣ୍ଡିଆ ଖାଦ୍ୟ ପ୍ରସ୍ତୁତି ଉପରେ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜିତା ଅନୁଷ୍ଠାନର ବ୍ଲକ କୋଅର୍ଡିନେଟର ଶ୍ରଦ୍ଧାଞ୍ଜଳି ସାହୁ ପରିଚାଳନା କରିଥିଲେ। କର୍ମୀ ସନ୍ତୋଷ ପ୍ରଧାନ, ଝୁନୁଲତା ମହାନ୍ତି, ଅନିତା ମାଟିଆରୀ, ମନ୍ଦୋଦରୀ ସାହୁ, ବବିତା ଆପଟ ଏବଂ ପଦ୍ମାବତୀ ବାରିକ ପ୍ରମୁଖ ସହଯୋଗ କରିଥିଲେ।




# ୬୫ ଛାତ୍ରୀଛାତ୍ରଙ୍କୁ ମିଳିବ ସହାୟକ ଉପକରଣ

ଅନୁଗୋଳ,୧୬।୧୧
(ଅମିତ କୁମାର ସାମଲ)

ଅନୁଗୋଳ ଉଚ୍ଚ ବିଦ୍ୟାଳୟ ଠାରେ ଥିବା ଜିଲା ଅନ୍ତର୍ନିବେଶୀ ଶିକ୍ଷା ସାଧନ କେନ୍ଦ୍ରଠାରେ ପ୍ରଥମ ଶ୍ରେଣୀ ଠାରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ଭିନ୍ନକ୍ଷମ ଛାତ୍ରୀଛାତ୍ରମାନଙ୍କ ନିମନ୍ତେ ସହାୟକ ଉପକରଣ ନିର୍ଦ୍ଧାରଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣକାରୀ ସଂସ୍ଥାର ଭୁବନେଶ୍ୱରସ୍ଥିତ କାର୍ଯ୍ୟାଳୟ ଓ ଅନୁଗୋଳ ଜିଲା ଶିକ୍ଷା କାର୍ଯ୍ୟାଳୟ ସମଗ୍ର ଶିକ୍ଷା ମିଳିତ ଆନୁକୂଲ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଜିଲା ଶିକ୍ଷା ଅଧିକାରୀ ସୁସ୍ମିତା ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ପ୍ରତିଭା ବାରିକ, ଗୋଷ୍ଠୀ ଶିକ୍ଷା ଅଧିକାରୀ ଲୋପାମୁଦ୍ରା ପଟ୍ଟନାୟକ, ଜିଲା ଅନ୍ତର୍ନିବେଶୀ ଶିକ୍ଷା ସଂଯୋଜକ ବିଜୟ କୁମାର ସାହୁ, ଭାରତୀୟ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ନିର୍ମାଣକାରୀ ସଂସ୍ଥା ଭୁବନେଶ୍ୱରର ପ୍ରତିନିଧି ଡାକ୍ତର ଅନିଲ କୁମାର ନାୟକ,



ସହାୟକ ଉପକରଣ ନିର୍ଦ୍ଧାରଣ ଶିବିରରେ ଛାତ୍ରୀଛାତ୍ରଙ୍କ ପରୀକ୍ଷା ନିରୀକ୍ଷା କରାଯାଉଛି।

ରାମକୁମାର ସିଂହ ଓ ପ୍ରାଞ୍ଜଳ ମିଶ୍ର ପ୍ରମୁଖ ଯୋଗଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଅନୁଗୋଳ ବ୍ଲକର ୬୫ ଛାତ୍ରୀଛାତ୍ରଙ୍କୁ ପରୀକ୍ଷା ନିରୀକ୍ଷା କରାଯାଇ ସେମାନଙ୍କ ମଧ୍ୟରୁ ୧୯ ଜଣଙ୍କୁ ହୁଇଲ ଚେୟାର, ୭ ଜଣଙ୍କୁ ରୋଲେଟର, ୭ ଜଣ ମସ୍ତକ ପକ୍ଷାଘାତ ଛାତ୍ରୀଛାତ୍ରଙ୍କୁ ସିପି ଚେୟାର, ୧୪ଜଣ ଶ୍ରବଣ ବାଧିତ ଛାତ୍ରୀଛାତ୍ରଙ୍କୁ ଡିଜିଟାଲ ପ୍ରୋଗ୍ରାମବଲ ଶ୍ରବଣ ଯନ୍ତ୍ର, ୨ ଜଣଙ୍କୁ ଆଶାବାଡି ଦିଆଯିବା ନିମନ୍ତେ ନିର୍ଦ୍ଧାରଣ କରାଯାଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମିଶ୍ର, ଗୋଷ୍ଠୀ ସାଧନ କର୍ମୀ ରଘୁନାଥ ବାରିକ ଓ ପତିତପାବନ ବାଡିଆଙ୍କ ସମେତ ସମସ୍ତ ଅନ୍ତର୍ନିବେଶୀ ଶିକ୍ଷା ସ୍ୱେଚ୍ଛାସେବୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଆଗାମୀ ୧୭ ତାରିଖରେ ଏହି କାର୍ଯ୍ୟକ୍ରମ ଆଠମଲ୍ଲିକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ, ୧୮ରେ ତାଳଚେର ଯୁବରାଜ ଉଚ୍ଚ ବିଦ୍ୟାଳୟ, ୨୦ରେ ଛେଣ୍ଡିପଦା ଉଚ୍ଚ ବିଦ୍ୟାଳୟ, ୨୧ରେ କଣିହାଁ ପ୍ରାଥମିକ ବିଦ୍ୟାଳୟ, ୨୨ରେ ବଁଅରପାଳ ବ୍ଲକ ତୁରଙ୍ଗ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ୨୩ରେ କିଶୋରନଗର ଉଚ୍ଚ ବିଦ୍ୟାଳୟ ଓ ୨୪ ତାରିଖରେ ପାଲଲହଡାସ୍ଥିତ ମହତାବ ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହେବ ବୋଲି ଜଣାପଡିଛି।

# ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମ ଭୂମିକା ଗୁରୁତ୍ୱପୂର୍ଣ୍ଣ

କାମାକ୍ଷାନଗର,୧୬।୧୧,(ସୁଧୀର ପରିଡା)/ସାତମାଇଲ,(ସୁଶାନ୍ତ କୁମାର ପତି)/ ହିନ୍ଦୋଳ (ବ୍ରହ୍ମାନନ୍ଦ ପଟ୍ଟନାୟକ)

ଢେଙ୍କାନାଳ ଜିଲା କଙ୍କଡାହାଡ଼ ବ୍ଲକ ସାମ୍ବାଦିକ ସଂଘ ତରଫରୁ ଜାତୀୟ ପ୍ରେସ ଦିବସ ସଂଘ ସଭାପତି ରାଜେଶ କୁମାର ଦେହୁରୀଙ୍କ ସଭାପତିତ୍ୱରେ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସଂଘ ଉପଦେଷ୍ଟା ବୀରବର ସାହୁ ଯୋଗଦେଇ ସୁସ୍ଥ ସମାଜ ଗଠନରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଂଘ କୋଷାଧ୍ୟକ୍ଷ ଅରବିନ୍ଦ ପାଳ, ସଦସ୍ୟ କ୍ଷୀରୋଦ ଦେହୁରୀ, ସୁବାସ ପଧାନ, ରଞ୍ଜିତ ସାହୁ, ଟୁକୁନ ବିଶ୍ୱାଳ ଉପସ୍ଥିତ ଥିଲେ। ସେହିପରି ହିନ୍ଦୋଳ ସାମ୍ବାଦିକ ସଂଘ ପକ୍ଷରୁ ହିନ୍ଦୋଳ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଛି। ସଂଘ ସଭାପତି ବିଶ୍ୱେଶ୍ୱର ସେଠୀଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ, ମୁଖ୍ୟବକ୍ତା ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତାରାଣି ନାୟକ, ସମ୍ମାନିତ ଅତିଥି ଭାବେ ଏନ୍‌ଏସି ନିର୍ବାହୀ ଅଧିକାରୀ ଏମ୍. ଶ୍ରୀନିବାସ, ଆଇନଜୀବୀ ଅରୁଣ ଦାସ ଯୋଗଦେଇଥିଲେ। ସେହିପରି ଓଡ଼ାପଡ଼ା ସାମ୍ବାଦିକ ସଂଘ ପକ୍ଷରୁ ସଂଘ କାର୍ଯ୍ୟାଳୟ ପରିସରରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ରବିନାରାୟଣ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମିୟକେତନ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ଶିକ୍ଷାବିତ୍ ରାମଚନ୍ଦ୍ର କରଣ ଓ ସୁକାନ୍ତ ଚରଣ ମାଝି ଯୋଗ ଦେଇଥିଲେ। ସଂଘ ସମ୍ପାଦକ ନିରଞ୍ଜନ ସାହୁ ସଭା ପରିଚାଳନା କରିଥିଲେ। ସଂଘ ଉପସଭାପତି ମିହିର କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# କଙ୍କଡ଼ାହାଡ଼ ବ୍ଲକ ଘେରିଲା ଭାଜପା

କାମାକ୍ଷାନଗର, ୧୬।୧୧
(ସୁଧୀର କୁମାର ପରିଡା)

କଙ୍କଡ଼ାହାଡ଼ ଭାଜପା ପକ୍ଷରୁ ବୁଧବାର ଜନଆକ୍ରୋଶ କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ବ୍ଲକ ଘେରାଉ କରାଯାଇଥିଲା। ଭାଜପା କର୍ମୀମାନେ ହାଟ ପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ରାଜ୍ୟରେ ଚାଲିଥିବା ଦୁର୍ନୀତି ବିରୋଧରେ ଏହି ଆନ୍ଦୋଳନ କରାଯାଇଛି ବୋଲି ଭାଜପା ନେତାମାନେ ପ୍ରକାଶ କରିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିଭୂତି ପ୍ରଧାନଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମରେ ବରିଷ୍ଠ ନେତା ରୁଦ୍ର ନାରାୟଣ ପାଣି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରାସବିହାରୀ ବେହେରା, ମଣ୍ଡଳ ସଭାପତି ନାଉରୀ ସିଂ, ଦେବାଶିଷ ପଣ୍ଡା, ବଳଭଦ୍ର ସାହୁ, ଦୁର୍ଯ୍ୟୋଧନ ପଣ୍ଡାଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ। ଶେଷରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଯଶୋବନ୍ତ ଦେହୁରୀଙ୍କ ଦାବିପତ୍ର ପ୍ରଦାନ କରାଯାଇଥିଲା।


ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ ଯଶୋବନ୍ତ ଦେହୁରୀଙ୍କୁ ଦାବିପତ୍ର ପ୍ରଦାନ

## ପାଲଲହଡ଼ାରେ ପ୍ରେସ ଦିବସ

ପାଲଲହଡା,୧୬।୧୧(ଦିବ୍ୟଜ୍ୟୋତି ଦାଶ)

ପାଲଲହଡା ଉପଖଣ୍ଡସ୍ତରୀୟ କାର୍ଯ୍ୟରତ ସାମ୍ବାଦିକ ସଂଘ ପକ୍ଷରୁ ଜାତୀୟ ପ୍ରେସ ଦିବସ ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ପାଳିତ ହୋଇଯାଇଛି। ଏଥିରେ ବିଧାୟକ ମୁକେଶ କୁମାର ପାଲ ମୁଖ୍ୟ ଅତିଥି ଓ ବରିଷ୍ଠ ଖବରଦାତା ସୌମ୍ୟା ତ୍ରିପାଠୀ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ସୁସ୍ଥ ସମାଜ ଗଠନରେ ନିର୍ଭୀକ ସାମ୍ବାଦିକତାର ଆବଶ୍ୟକତା ସମ୍ପର୍କିତ ଏକ ଆଲୋଚନାରେ ମତ ରଖିଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ଗିନାରାଣୀ ନାଏକ ଏବଂ ସଂଘ ଅଧ୍ୟକ୍ଷ ରଘୁନନ୍ଦନ ଆଚାର୍ଯ୍ୟ ଯୋଗଦେଇଥିଲେ। ସଂଘ ସଭାପତି ଖଗେଶ୍ୱର ଦାସ ସଭାପତିତ୍ୱ କରିଥିବାବେଳେ ବରିଷ୍ଠ ଶିକ୍ଷକ ଅଭୟ ନାୟକ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରୀଛାତ୍ର, ୟୁନିୟନ ଅଫ ମ୍ୟାଥମେଟିକ୍ସ ଚେୟାରମ୍ୟାନ ଭାବେ ମନୋନୀତ ହୋଇଥିବା ହିମାଂଶୁ ଶେଖର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଯତ୍ନବାନ ହୁଅ



ମଠକରଗୋଳା ମହାବିଦ୍ୟାଳୟରେ ନବୀନ ବରଣ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥିମାନେ।

କାମାକ୍ଷାନଗର,୧୬।୧୧
(ଅମଜାଦ ଖାନ)

କାମାକ୍ଷାନଗର ଉପଖଣ୍ଡ ଅନ୍ତର୍ଗତ ମଠକରଗୋଳା ମହାବିଦ୍ୟାଳୟ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ଆନୁକୂଲ୍ୟରେ ନବୀନ ବରଣ ଉତ୍ସବ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ଉତ୍ସବକୁ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାଶ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ଅମିତାଞ୍ଜଳି ମିଶ୍ର ଯୋଗଦେଇ ଓଡ଼ିଆ ଭାଷାର ସୁରକ୍ଷା ନିମନ୍ତେ ଯତ୍ନବାନ ହେବାକୁ ଛାତ୍ରୀଛାତ୍ରଙ୍କୁ ଆହ୍ୱାନ ଦେଇଥିଲେ। ଅତିଥି ଭାବେ ବାଣିଜ୍ୟ ବିଭାଗ ମୁଖ୍ୟ ଅଧ୍ୟାପକ ସୁଧାଂଶୁ ଶେଖର ପାତ୍ର ଯୋଗଦେଇ ଉତ୍କଳୀୟ ଭାଷା ସାହିତ୍ୟର କ୍ରମ ବିକାଶ ସମ୍ପର୍କରେ ଆଲୋକପାତ କରିଥିଲେ। ଦ୍ୱିତୀୟ ଏବଂ ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ନବାଗତମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିଲେ। ବିଭାଗୀୟ ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ସାହୁଙ୍କ ନିର୍ଦ୍ଦେଶନାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଆଭ୍ୟନ୍ତରୀଣ ଗୁଣବତ୍ତା ପ୍ରକୋଷ୍ଠର ସଂଯୋଜିକା ଅଧ୍ୟାପିକା ସସ୍ମିତା ରାଉତ, ଅଧ୍ୟାପକ ସୋମନାଥ ପଣ୍ଡା, ଅଧ୍ୟାପିକା ପ୍ରତିଭା ମଞ୍ଜରୀ ଦାଶ, ଶ୍ରୀଲେଖା ରାୟ, ଦୀପ୍ତିମୟୀ ସାହୁ, ଶ୍ରାବଣୀ ସପ୍ତାର୍ଷୀ ପ୍ରମୁଖ ଉପସ୍ଥିତ ଥିଲେ। ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ଉନ୍ନତୀକରଣ କାର୍ଯ୍ୟ ଦେଖିଲେ ଜିଲାପାଳ

କାମାକ୍ଷାନଗର,୧୬।୧୧
(ସୁଧୀର ପରିଡା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ମେଡିକାଲର ଉନ୍ନତୀକରଣ କାର୍ଯ୍ୟ ଗୁରୁବାର ଢେଙ୍କାନାଳ ଜିଲାପାଳ ମନୋରଞ୍ଜନ ମଲ୍ଲିକ ଅନୁଧ୍ୟାନ କରିଛନ୍ତି। ସେହିପରି ମେଡିକାଲର ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ମଧ୍ୟ ଜିଲାପାଳ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତିଶଙ୍କର ସାହୁ, ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଦିଗାମ୍ବର ସାହୁ, ପୂର୍ତ୍ତ ବିଭାଗ ଏସଇ ଜୟନ୍ତ ନାୟକ, ଯନ୍ତ୍ରୀ ବିଜୟ ସେଠୀ, ଅଚ୍ୟୁତାନନ୍ଦ ମଲ୍ଲିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


କାମାକ୍ଷାନଗର ଉପଖଣ୍ଡ ମେଡିକାଲର ଉନ୍ନତୀକରଣ କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି ଜିଲାପାଳ।

# ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ପ୍ରଦର୍ଶନୀ

ମାଧପୁର,୧୬।୧୧ (ମନୋଜ ପ୍ରଧାନ)

ଆଠମଲ୍ଲିକ ବ୍ଲକ ମାଧପୁର ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ବ୍ଲକସ୍ତରୀୟ ବିଜ୍ଞାନ, ଗଣିତ ଓ ପରିବେଶ ପ୍ରଦର୍ଶନୀ ମେଳା -୨୦୨୩ ଉଦ୍‌ଯାପିତ ହୋଇଯାଇଛି। ଉଦଘାଟନୀ ଉତ୍ସବରେ ପ୍ରଧାନ ଶିକ୍ଷକ ଜୟନ୍ତ କୁମାର ମାହାର ସଭାପତିତ୍ୱ କରିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରୀ ଦାଶରଥି ଖୁଣ୍ଟି ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଳାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବିଶ୍ୱାଳ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ କୈବଲ୍ୟ କଅଁର, ବିଆର୍‌ସିସି ଛବି ନାରାୟଣ ସିଠ, ଠାକୁରଗଡ଼ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ବୈକୁଣ୍ଠ ପ୍ରଧାନ ମଞ୍ଚାସୀନ ଥିଲେ। ବିଜ୍ଞାନ ଶିକ୍ଷକ କ୍ରିଷ୍ଟାଚନ୍ଦ୍ର ପ୍ରଧାନ ସ୍ୱାଗତ ଭାଷଣ ଦେଇଥିଲେ। ଏହି ମେଳାରେ ୮୯ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଅଧ୍ୟାପିକା ନିହାରିକା କର୍ଣ୍ଣ ଏବଂ ସ୍ୱାଗତିକା ପ୍ରଧାନ ବିଚାରକ ଭାବରେ ଯୋଗଦେଇ ଥିଲେ। ଏହି ମେଳାରୁ ୫ଟି ପ୍ରକଳ୍ପ ଜିଲାସ୍ତରକୁ ମନୋନୀତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଭାପତିତ୍ୱ କରିଥିଲେ। ଆଠମଲ୍ଲିକ ବିଧାୟକ ରମେଶ ଚନ୍ଦ୍ର ସାଏ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଜ୍ଞାନ କାରିଗରୀ ଓ ସମାଜ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଦେବରାଜ ନାୟକ, ଆଠମଲ୍ଲିକ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନୀଲ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।


ଉଦ୍‌ଯାପନୀ ଉତ୍ସବରେ ବିଧାୟକ ରମେଶ ଚନ୍ଦ୍ର ସାଏ ପ୍ରକଳ୍ପ ବୁଲି ଦେଖୁଛନ୍ତି।

# ବଇଣ୍ଡାରେ କାଳୀପୂଜା ଭସାଣି ଉତ୍ସବ

ବଇଣ୍ଡା,୧୬।୧୧(ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ବଇଣ୍ଡାଠାରେ ଚାଲିଥିବା ମା' କାଳୀ ପୂଜାର ଭସାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମେଢ଼କୁ ଏକ ଟ୍ରାକ୍ଟର ଯୋଗେ ଶୋଭାଯାତ୍ରାରେ ବଇଣ୍ଡା ନଗର ପରିକ୍ରମା କରିବା ପରେ ଚନ୍ଦନ ପୋଖରୀରେ ବିସର୍ଜନ କରାଯାଇଥିଲା। ବାଜା, ବାଣ ସହ ଡିଜେ ସାଉଣ୍ଡର ନୃତ୍ୟ ତାଳେ ତାଳେ ମା'ଙ୍କୁ ବିଦାୟ ଦିଆଯାଇଥିଲା। ଶୃଙ୍ଖଳା ପାଇଁ ବଇଣ୍ଡା ଫାଣ୍ଡି ପୋଲିସ ପକ୍ଷରୁ ବ୍ୟବସ୍ଥା କରାଯାଇଥିଲା। କମିଟିରେ ନରେଶ ସାହୁ, ସିପୁ ଦାସ, ଦୀପକ ସାହୁ, ମିଲନ ସାହୁ, ପିଙ୍କୁ ପ୍ରଧାନ, ମାନସ ସାହୁ ସହଯୋଗ କରିଥିଲେ।


ମା' କାଳୀଙ୍କ ମେଢ଼କୁ ଶୋଭାଯାତ୍ରାରେ ନିଆଯାଉଛି।

# ସମିତିସଭ୍ୟାଙ୍କ ଅକାଳ ବିୟୋଗ

କାମାକ୍ଷାନଗର୧୬/୧୧
(ସୁଧୀର କୁମାର ପରିଡା)



ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ଭଏରପୁର ପଞ୍ଚାୟତର ସମିତିସଭ୍ୟା ରମାରାଣି ମଲ୍ଲିକ(୪୧)ଙ୍କ ବୁଧବାର ରାତିରେ ଅକାଳ ବିୟୋଗ ଘଟିଛି। ରମାରାଣି ହଠାତ୍ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ କାମାକ୍ଷାନଗର ବିଧାୟକ ତଥା ରାଜ୍ୟ ଖଣି ମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ମେଡିକାଲରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ। ବ୍ଲକ ଅଧ୍ୟକ୍ଷ ପ୍ରେମାନନ୍ଦ ସାହୁ, ଜିଲା ଯୁବ ବିଜେଡି ସଭାପତି ଧର୍ମାନନ୍ଦ ପରିଡା, ସରପଞ୍ଚ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବ୍ଲକ ପରିସରରେ ମୃତଦେହ ରଖାଯାଇ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

# ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ



ପରଜଙ୍ଗ,୧୬।୧୧(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବ୍ଲକ ମୁଣ୍ଡେଇଲୋ ପଞ୍ଚାୟତର ଦିଲୀପ କୁମାର ସାହୁଙ୍କ ନେତୃତ୍ୱରେ ଭାଜପା ଦଳର ଦ୍ୱୀତିକୃଷ୍ଣ ବେହେରା, ତଅଁଲୁ ପରିଡ଼ା ଗୁରୁବାର ବିଜେଡିରେ ସାମିଲ ହୋଇଛନ୍ତି। ଗୁରୁବାର ପରଜଙ୍ଗ ବିଧାୟକ ଡାକ୍ତର ନୃସିଂହ ଚରଣ ସାହୁଙ୍କ ଡିହଡୋଳ ସ୍ଥିତ ବାସଭବନଠାରେ ଉଭୟେ ଯୋଗଦାନ କରିଥିଲେ। ବିଧାୟକ ସେମାନଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରିଥିଲେ।

# ସୁସ୍ଥ ସମାଜ ଗଠନରେ ସାମିଲ ହେବାକୁ ଆହ୍ୱାନ



ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିରରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

ଭୁବନ,୧୬।୧୧( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବାଜି ରାଉତ କଲେଜ ପରିସରରେ ଚାଲିଥିବା ଜିଲାସ୍ତରୀୟ ଯୁବ ରେଡକ୍ରସ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଶିବିରରେ ଜିଲାର ୧୩ କଲେଜର ୯୬ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ। ପ୍ରଥମ ଦିନ ବିଭିନ୍ନ ସେବା ଉପରେ ପ୍ରଶିକ୍ଷଣ ଦିଆଯାଇଥିବା ବେଳେ ୨ୟ ଦିବସରେ ରକ୍ତଦାନ ଜୀବନ ଦାନ ଉପରେ ବିଭିନ୍ନ ଶିକ୍ଷା ଦିଆଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ନାରାୟଣ ନାୟକ ଯୋଗଦେଇ ଛାତ୍ରୀଛାତ୍ରମାନେ ଶ୍ରେଷ୍ଠ ସ୍ଥାନରେ ପହଞ୍ଚିବା ପାଇଁ ରକ୍ତଦାନ କରିବା ସହିତ ସୁସ୍ଥ ସମାଜ ଗଠନରେ ସାମିଲ ହେବା ଜରୁରୀ ବୋଲି ମତ ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ରେଡ୍‌କ୍ରସ ସମ୍ପାଦକ ଭୂପେଶ ଚନ୍ଦ୍ର ସାହୁ, ଓଡ଼ାପଡ଼ା କଲେଜର ରେଡ୍‌କ୍ରସ ପରାମର୍ଶଦାତା ପ୍ରଣବ ହୋତା ଯୋଗ ଦେଇଥିଲେ। କଲେଜ ଅଧ୍ୟକ୍ଷ ଅଜିତ୍ କୁମାର ବେହେରା ସଭାପତିତ୍ୱ କରିଥିଲେ। ଅଧ୍ୟାପକ ପ୍ରଭାତ ଜେନା ପରିଚାଳନା କରିଥିଲେ। ସମସ୍ତ ବିଭାଗରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ସହଯୋଗ କରିଥିଲେ। ହିନ୍ଦୋଳ କଲେଜର ଯୁବ ରେଡ୍‌କ୍ରସ ପରାମର୍ଶଦାତା ବରୁଣ ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଗଣମାଧ୍ୟମର ଦାୟିତ୍ୱ, କର୍ତ୍ତବ୍ୟ ଉପରେ ଗୁରୁତ୍ୱ

ଛେଣ୍ଡିପଦା,୧୬।୧୧ (ଅଜିତ୍ ଧଳ)/
କଣିହାଁ,୧୬।୧୧ (ସଚ୍ଚିଦାନନ୍ଦ ପ୍ରଧାନ)

ଛେଣ୍ଡିପଦା ବ୍ଲକ କର୍ମଜୀବୀ ସାମ୍ବାଦିକ ସଂଘ ପକ୍ଷରୁ ଗୁରୁବାର ସ୍ଥାନୀୟ ପିସିଆଇଇଟିରେ ଥିବା ସଭାଗୃହରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇଯାଇଛି। ସଂଘ ସଭାପତି ଲଳିତ କୁମାର ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବିଧାୟକ ସୁଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁମିତ୍ରା ସାହୁ, ପିସିଆଇଇଟି ସମ୍ପାଦକ ହେମନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ପଞ୍ଚାୟତରେ ଗଣମାଧ୍ୟମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ। ଏଥିରେ ଜିଲା ପରିଷଦ ସଦସ୍ୟ ପ୍ରଦୀପ ସାହୁ, ନଗେନ ପ୍ରଧାନ, ଜନ୍ମେଜୟ ମାଝି ପ୍ରମୁଖ ଯୋଗ ଦେଇଥିଲେ। ସେହିପରି କଣିହାଁ ପ୍ରେସ କ୍ଲବଠାରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା। ଅତିଥି ଭାବେ ଢେଙ୍କାନାଳ ଏମ୍‌ପି ମହେଶ ସାହୁ, କଣିହାଁ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡାକ୍ତର ସୁମନ୍ତ କୁମାର ପଟେଲ, କଣିହାଁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର ମଦନ ମୋହନ ମହାନ୍ତି, ଡିଗ୍ରୀ କଲେଜ ଅଧ୍ୟାପକ ଧନେଶ୍ୱର ସାହୁ, ଜିଲା ପରିଷଦ ସଦସ୍ୟ ରଞ୍ଜନ ସାହୁ, ସାମାଜିକ କର୍ମୀ ଦେବଦତ୍ତ ପ୍ରଧାନ, ଗଦାଧର ସାହୁ, ସୁଶାନ୍ତ ସାମଲ ପ୍ରମୁଖ ଯୋଗଦେଇ ଗଣମାଧ୍ୟମର ଦାୟିତ୍ୱ ଓ କର୍ତ୍ତବ୍ୟ ଉପରେ ମତବ୍ୟକ୍ତ କରିଥିଲେ। କ୍ଲବ ସଭାପତି ଭୁପେନ ଗଡନାୟକ, ସମ୍ପାଦକ ରଞ୍ଜନ ମିଶ୍ର ପରିଚାଳନା କରିଥିଲେ। ସେହିପରି ଉତ୍କଳ ସାମ୍ବାଦିକ ସଂଘ କଣିହାଁ ଶାଖା ତରଫରୁ ପ୍ରେସ ଦିବସ ପାଳନ ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷାବିତ ପଦ୍ମଚରଣ ମହାପାତ୍ର, ଶିକ୍ଷକ ଶିଦ୍ଧିପ୍ରସାଦ ସାହୁ, ଏନ୍‌ଟିପିସି ସରସ୍ୱତୀ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ସୁଶାନ୍ତ ତ୍ରିପାଠୀ, ଜିଲା ପରିଷଦ ସଭ୍ୟ ରଞ୍ଜନ ସାହୁ, ଆଇନଜୀବୀ ତ୍ରିପୁରାରୀ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ।

